


# ସତ୍ୟବାର୍ତ୍ତା

*(THE VOICE OF TRUTH)*

NOVEMBER - DECEMBER
2004

**AN ORIYA BIMONTHLY BULLETIN**
**PUBLISHED BY THE CHURCH OF CHRIST**



# THE VOICE OF TRUTH

Edited & Published By
***Joshua & Kabita Gootam***

**CHURCH OF CHRIST**
P.O. BOX.NO.80, KAKINADA,
A.P. - 533 001.
PH: 0884 - 2363722

**Vol. 9. November & December 2004 (No. 6)**

**Published every two months
in Oriya Language for the Restoration of pure
New Testament Christianity**

Watch *SATYA VANI* on TEJA Channel Every Saturday and every Tuesday on MAA TV at 6:30 a.m. in Telugu Language.

Speaker : JOSHUA GOOTAM

Write for free Bible Correspondence Course in Telugu & Oriya to :

THE DIRECTOR
**BIBLE CORRESPONDENCE COURSE**
P.O. BOX.NO.80, KAKINADA - 533 001.

# ସତ୍ୟବାଣୀ
# VOICE OF TRUTH

VOL - IX KAKINADA Nov.-Dec.


## ଭ୍ରାନ୍ତ ସିଦ୍ଧାନ୍ତର ପ୍ରତିବାଦ କର
## (Religious Error must be condemned)

ଜଗତର ପ୍ରତ୍ୟେକ ଧର୍ମ, ସ୍ୱର୍ଗକୁ ଘେନିଯିବା ଏକ ମାର୍ଗ ବୋଲି ଅନେକଙ୍କ ଧାରଣା । ଏହା ଯଦି ସତ୍ୟ ହୋଇଥାନ୍ତା, ଆଉ କେହି ନରକକୁ ଯାଇନଥାନ୍ତେ । କିନ୍ତୁ ଏହା କଦାପି ସତ୍ୟ ନୁହେଁ । କାରଣ ସ୍ୱର୍ଗରେ ଏକମାତ୍ର ପରମେଶ୍ୱର ଅଛନ୍ତି ଓ ଆମ୍ଭମାନଙ୍କ ପାପ, ନିଷ୍ପାପୀ ଈଶ୍ୱରଙ୍କ ପୁତ୍ରଙ୍କ ଯୀଶୁଖ୍ରୀଷ୍ଟଙ୍କ ରକ୍ତ ହିଁ ଧୌତ କରିପାରେ । ତାହାଙ୍କ ମାର୍ଗ ହିଁ ଆମ୍ଭମାନଙ୍କୁ ସ୍ୱର୍ଗକୁ ନେଇପାରେ ।

ଖ୍ରୀଷ୍ଟଧର୍ମରେ ମଧ୍ୟ ବିଭିନ୍ନ ମତ ବିଭିନ୍ନ ମାର୍ଗ ଓ ପ୍ରଥା ରହିଅଛି । ସ୍ୱର୍ଗକୁ ଯିବାକୁ ଇଚ୍ଛୁକ ବ୍ୟକ୍ତିମାନଙ୍କ ସାଧୁତା ସେମାନଙ୍କୁ ସ୍ୱର୍ଗକୁ କଢ଼ାଇ ନେଇପାରିବ ବୋଲି ସେମାନଙ୍କ ବିଶ୍ୱାସ । କିନ୍ତୁ ପ୍ରଭୁଯୀଶୁ ଏହି ଜଗତରେ ଥିବା ସମୟରେ ଧର୍ମନେତାମାନଙ୍କ କାର୍ଯ୍ୟକଳାପ କିପରି ଖଣ୍ଡନ କରୁଥିଲେ, ବାଇବଲରେ ପଢ଼ିଥାଉଁ । ମାଥିଉ ୨୩:୧୫ ପଦରେ ଲେଖାଯାଏ, ''ହାୟ, ଦଣ୍ଡର ପାତ୍ର କପଟୀ ଶାସ୍ତ୍ରୀ ଓ ଫାରୁଶୀମାନେ, କାରଣ ତୁମ୍ଭେମାନେ ଜଣକୁ ତୁମ୍ଭମାନଙ୍କର ଧର୍ମାବଲମ୍ବୀ କରିବା ପାଇଁ ଜଳସ୍ଥଳ ଭ୍ରମଣ କରୁଥାଅ, ପୁଣି ଯେତେବେଳେ ସେ ହୁଏ, ସେତେବେଳେ ତାହାକୁ ତୁମ୍ଭମାନଙ୍କ ଅପେକ୍ଷା ଦୁଇଗୁଣ ନରକପାତ୍ର କରୁଥାଅ ।'' ''ଅନେକ ମୋ ନାମରେ ଆସି ମୁଁ ଖ୍ରୀଷ୍ଟ ବୋଲି କହି ଅନେକଙ୍କୁ ଭ୍ରାନ୍ତ କରିବେ ।'' (ମାଥିଉ ୨୪:୫) । ''ମୋତେ ପ୍ରଭୁ, ପ୍ରଭୁ ବୋଲି ଡାକନ୍ତି । ଏପରି ପ୍ରତ୍ୟେକ ସ୍ୱର୍ଗରାଜ୍ୟରେ ପ୍ରବେଶ କରିବେ ନାହିଁ ମାତ୍ର ଯେ ମୋହର ସ୍ୱର୍ଗସ୍ଥ ପିତାଙ୍କ ଇଚ୍ଛା ସାଧନ କରେ, ସେ ପ୍ରବେଶ କରିବ । ସେଦିନ ଅନେକ ମୋତେ କହିବେ, ହେ ପ୍ରଭୁ, ହେ ପ୍ରଭୁ, ଆମ୍ଭେମାନେ କି ତୁମ୍ଭ ନାମରେ ଭାବବାଣୀ କହିଲୁ ନାହିଁ ? ପୁଣି ତୁମ୍ଭ ନାମରେ କି ଭୂତମାନଙ୍କୁ ଛଡ଼ାଇଲୁ ନାହିଁ ? ଆଉ, ତୁମ୍ଭ ନାମରେ କି ଅନେକ ଶକ୍ତିର

କାର୍ଯ୍ୟ କଲୁ ନାହିଁ ? ସେତେବେଳେ ମୁଁ ସେମାନଙ୍କୁ ସ୍ପଷ୍ଟ ରୂପେ କହିବି, ମୁଁ ତୁମ୍ଭମାନଙ୍କୁ କେବେ ହେଁ ଜାଣିନାହିଁ । ହେ ଅଧର୍ମାଚାରୀମାନେ, ମୋ' ପାଖରୁ ଦୂର ହୁଅ ।'' (ମାଥିଉ ୭:୨୧-୨୩) । ପ୍ରଭୁ ଯୀଶୁ ସେମାନଙ୍କ ବିଷୟରେ କାହିଁକି ଏପରି କହିଥିଲେ ? ସେମାନେ କି ଧାର୍ମିକ ନଥିଲେ ? ପରମେଶ୍ବରଙ୍କ ଇଚ୍ଛା ସାଧନ କରିବାରେ କି ସେମାନେ ଅନିଚ୍ଛୁକ ଥିଲେ ? ପ୍ରଭୁଙ୍କ ଅନୁଯାୟୀ ସେମାନେ ଭ୍ରାନ୍ତ ଥିଲେ ଏବଂ ଅନ୍ୟମାନଙ୍କୁ ଭ୍ରଷ୍ଟମାର୍ଗରେ କଢ଼ାଇ ନେଉଥିଲେ । ପ୍ରଭୁ ସେମାନଙ୍କ କାର୍ଯ୍ୟରେ ସନ୍ତୁଷ୍ଟ ନହୋଇ, ସେମାନଙ୍କ ପ୍ରତିବାଦ କରିଥିଲେ ।

ଆଜିର ଭ୍ରାନ୍ତ ପ୍ରଚାରକମାନଙ୍କ ବିଷୟରେ ପାଉଲ କଅଣ କହନ୍ତି ? ସେମାନଙ୍କ ଶିକ୍ଷାରେ ସେ କି ତୁଷ୍ଟ ହୋଇପାରିଥାନ୍ତେ । ସେ ଗାଲାତୀ ମଣ୍ଡଳୀକୁ କହିଥିଲେ, ''ତାହା ଅନ୍ୟ ସୁସମାଚାର ସୁଦ୍ଧା ନୁହେଁ, କେବଳ କେତେକ ତୁମ୍ଭମାନଙ୍କୁ ଅସ୍ଥିର କରୁଅଛନ୍ତି, ଓ ଖ୍ରୀଷ୍ଟଙ୍କ ସୁସମାଚାରକୁ ବିକୃତ କରିବାକୁ ଇଚ୍ଛା କରୁଅଛନ୍ତି, କିନ୍ତୁ ଯେଉଁ ସୁସମାଚାର ଆମ୍ଭେମାନେ ତୁମ୍ଭମାନଙ୍କ ନିକଟରେ ପ୍ରଚାର କରିଥିଲୁ, ଆମ୍ଭେମାନେ କିମ୍ବା ସ୍ୱର୍ଗଦୂତ ହେଲେ ଯଦି କେହି ତଦ୍‌ଭିନ୍ନ ଅନ୍ୟ ସୁସମାଚାର ପ୍ରଚାର କରେ, ତେବେ ସେ ଶାପଗ୍ରସ୍ତ ହେଉ । ଯେପରି ଆମ୍ଭେମାନେ ପୂର୍ବରେ କହିଅଛୁ, ସେହିପରି ମୁଁ ଏବେ ଆଉଥରେ କହୁଅଛି, ଯେଉଁ ସୁସମାଚାର ତୁମ୍ଭେମାନେ ଗ୍ରହଣ କରିଥିଲ, ତଦ୍‌ଭିନ୍ନ ଯଦି କୌଣସି ଲୋକ ଅନ୍ୟ ସୁସମାଚାର ତୁମ୍ଭମାନଙ୍କ ନିକଟରେ ପ୍ରଚାର କରେ, ତେବେ ସେ ଶାପଗ୍ରସ୍ତ ହେଉ ।'' (ଗାଲାତୀ ୧:୭-୯) । ସେ କରିନ୍ଥୀର ଭାଇମାନଙ୍କୁ ଅନୁରୋଧ କରି କହିଥିଲେ, ''ହେ ଭାଇମାନେ, ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ନାମରେ ମୁଁ ତୁମ୍ଭମାନଙ୍କୁ ଅନୁରୋଧ କରୁଅଛି, ଯେପରି ତୁମ୍ଭେମାନେ ସମସ୍ତେ ଏକକଥା କୁହ, ଆଉ ତୁମ୍ଭମାନଙ୍କ ମଧ୍ୟରେ ଦଳଭେଦ ନହୁଏ, କିନ୍ତୁ ତୁମ୍ଭେମାନେ ଏକ ମନରେ ଓ ଏକ ବିଚାରରେ ସମ୍ମିଳିତ ହୁଅ ।'' (୧ମ କରିନ୍ଥୀ ୧:୧୦) ପୁନଃର୍ବାର ସେ ରୋମନଗରର ଭାଇମାନଙ୍କୁ ଲେଖିଥିଲେ, ''ହେ ଭାଇମାନେ, ତୁମ୍ଭେମାନେ ଯେଉଁ ଶିକ୍ଷା ପାଇଅଛ ସେଥିର ବିପରୀତ ଯେଉଁମାନେ ଦଳଭେଦ ଓ ବିଘ୍ନର କାରଣ ଘଟାନ୍ତି, ସେମାନଙ୍କୁ ଚିହ୍ନ ରଖି ସେମାନଙ୍କ ଠାରୁ ପୃଥକ୍ ରହିବା ପାଇଁ ମୁଁ ତୁମ୍ଭମାନଙ୍କୁ ଅନୁରୋଧ କରୁଅଛି । କାରଣ ଏହିପରି ଲୋକେ ଆମ୍ଭମାନଙ୍କ ପ୍ରଭୁଯୀଶୁଖ୍ରୀଷ୍ଟଙ୍କର ଦାସ ନୁହନ୍ତି କିନ୍ତୁ ଆପଣା ଆପଣା ଉଦରର ଦାସ ଅଟନ୍ତି, ପୁଣି ମିଷ୍ଟବାକ୍ୟ ଓ ଚାଟୁଭାଷାରେ ସରଳ ହୃଦୟରେ ଲୋକଙ୍କର ମନ ଭୁଲାନ୍ତି ।'' (ରୋମୀୟ ୧୬:୧୭,୧୮)

ଯୀଶୁଖ୍ରୀଷ୍ଟ କିଅବା ପାଉଲଙ୍କୁ ଅନ୍ୟମାନଙ୍କୁ ନିନ୍ଦା କରିବାରେ କି ଆନନ୍ଦ ?

ତାହା ନୁହେଁ । କିନ୍ତୁ ସେମାନଙ୍କ ଆତ୍ମାକୁ ପ୍ରେମ କରି ସେମାନଙ୍କୁ ପ୍ରତିବାଦ କରନ୍ତି । ପ୍ରଭୁ ଯୀଶୁ ଏହି ଜଗତର ପାପ ନିମନ୍ତେ ମୃତ୍ୟୁ ଭୋଗିଲେ ଓ ପାଉଲ ଖ୍ରୀଷ୍ଟଙ୍କ ନିମନ୍ତେ ଆପଣା ପ୍ରାଣ ଆହୂତି ଦେଇଥିଲେ । ଏପରି ପ୍ରେମମୟ ବ୍ୟକ୍ତିମାନେ ମନୁଷ୍ୟମାନେ ପାପରେ ଏବଂ ଭ୍ରାନ୍ତ ଶିକ୍ଷା ଦ୍ୱାରା ବିନଷ୍ଟ ହେବେ ବୋଲି ଜ୍ଞାତ ଥିଲେ । ଭ୍ରାନ୍ତ ଶିକ୍ଷା ଦେବା ଲୋକେ, କିଅବା ଭ୍ରାନ୍ତ ଶିକ୍ଷାର ଅନୁସରଣକାରୀମାନେ ନିଶ୍ଚିତଭାବେ ବିନଷ୍ଟ ହେବେ ।

ଠିକ୍ ସେହିପରି ଆଜି ଧର୍ମଶାସ୍ତ୍ରରେ ଅନେକେ ଖ୍ରୀଷ୍ଟଙ୍କ ଅନୁକାରୀରୂପେ ଦାବୀ କରନ୍ତି । ଏପରି ଉକ୍ତ, ଉତ୍ତମ ଓ ସମର୍ପିତ ବ୍ୟକ୍ତିମାନେ ବାକ୍ୟାନୁଯାୟୀ ଚାଲନ୍ତି ନାହିଁ । ସେମାନଙ୍କ ଅନୁଯାୟୀ କେବଳ ବିଶ୍ୱାସ କରିବା ଦ୍ୱାରା ମନୁଷ୍ୟ ପରିତ୍ରାଣ ପାଇପାରେ, ମଣ୍ଡଳୀମାନଙ୍କ ମଧ୍ୟରେ ପ୍ରଭେଦ କିଛି ନାହିଁ, ଖ୍ରୀଷ୍ଟଙ୍କ ନାମ ଧାରଣ କରିବାରେ କିଅବା ଧାରଣ ନ କରିବାରେ କିଛି ପାର୍ଥକ୍ୟ ନାହିଁ । ସେମାନେ ଏପରି ବିଶ୍ୱାସ କରନ୍ତି ଓ ଶିକ୍ଷା ଦିଅନ୍ତି କିନ୍ତୁ ଧର୍ମ ସମ୍ବନ୍ଧୀୟ ପ୍ରତ୍ୟେକ ବିଷୟର ସଦାପ୍ରଭୁ ଯେ କର୍ତ୍ତା ଅଟନ୍ତି, ସେମାନେ ଯାଇଥାନ୍ତି । ପରମେଶ୍ୱରଙ୍କ ଆଜ୍ଞା ପାଳନ କରିବା ମନୁଷ୍ୟମାନଙ୍କ ବିଧି । ଅତଏବ ଯେଉଁମାନେ ପରମେଶ୍ୱରଙ୍କ ଆଜ୍ଞା ଲଙ୍ଘନ କରୁଅଛନ୍ତି ଓ ଯେଉଁମାନେ ଆପଣା ଆପଣା ସ୍ୱଇଚ୍ଛା ସାଧନ କରୁଅଛନ୍ତି, ସେମାନଙ୍କୁ କି ଆମ୍ଭେମାନେ ପ୍ରତିବାଦ କରିବା ନାହିଁ ? ସେମାନଙ୍କୁ ପରମେଶ୍ୱରଙ୍କ ସେବକ ରୂପେ ଗ୍ରହଣ କରି, ସେମାନଙ୍କର କି ଅନୁକରଣ କରିପାରିବା ? ଯଦିଓ ଲୋକେ ଆମ୍ଭମାନଙ୍କୁ ଧର୍ମାନ୍ଧ ବୋଲି ମନେ କରନ୍ତି ଆମ୍ଭେମାନେ ସତ୍ୟ ଅଗ୍ରାହ୍ୟ କରି ପ୍ରଭୁଯୀଶୁଙ୍କୁ ଅଗ୍ରାହ୍ୟ କରିନପାରୁ । ଆମ୍ଭମାନଙ୍କ ପ୍ରଭୁ ସତ୍ୟ ସକାଶେ କ୍ଳେଶ ପାଇ ମୃତ୍ୟୁ ଭୋଗିଲେ । ପ୍ରେରିତମାନେ ସଂକୀର୍ଣ୍ଣ ମାର୍ଗ ବିଷୟରେ ଶିକ୍ଷା ଦେଲେ ଏବଂ ଆପଣା ଆପଣା ପ୍ରାଣ ବଳି ଦେଇଥିଲେ । ଶତାବ୍ଦୀ ଧରି ସତ୍ୟ କହିବା ଲୋକେ ନିନ୍ଦିତ ଓ ତଡ଼ିତ ହୋଇଅଛନ୍ତି । କିନ୍ତୁ ଅସତ୍ୟ ନିମନ୍ତେ ମୁଣ୍ଡ ନୁଆଁଇ ନାହାନ୍ତି । ଅସତ୍ୟର ସଙ୍ଗ ଧରିବା ଦ୍ୱାରା, ଆମ୍ଭେମାନେ କିଅବା ସେମାନେ ପରିତ୍ରାଣ ପାଇପାରିବେ ନାହିଁ । ପ୍ରଭୁଙ୍କ ବାକ୍ୟର ଆଜ୍ଞାବହ ହେବା ଦ୍ୱାରା, ପରମେଶ୍ୱରଙ୍କ କୃପାରେ ଆମ୍ଭେମାନେ ପରିତ୍ରାଣ ପାଇପାରିବା ।

**- J.C. Choate**

❋❋❋

# ପରମେଶ୍ୱରଙ୍କ ସହିତ ଗମନାଗମନ କରିବା
## (Walking with God)

ଆଦିପୁସ୍ତକ ୫:୨୪ ପଦରେ ଲେଖାଯାଏ, ‘‘ହନୋକ ପରମେଶ୍ୱରଙ୍କ ସହିତ ଗମନାଗମନ କଲେ, ଆଉ ସେ ଅନ୍ତର୍ହିତ ହେଲେ, ଯେହେତୁ ପରମେଶ୍ୱର ତାହାଙ୍କୁ ଗ୍ରହଣ କଲେ । ‘‘ସୃଷ୍ଟିର ସପ୍ତମ ପୁରୁଷ ହନୋକ ବିଷୟରେ ପବିତ୍ର ଆତ୍ମା କେତେ ସୁନ୍ଦର ସାକ୍ଷ୍ୟ ଦିଅନ୍ତି ! ଯେରଦ୍ଦଙ୍କ ପୁତ୍ର ହନୋକ ପଞ୍ଚଷଠି ବର୍ଷ ବୟସରେ ମଥୂଶେଲହକୁ ଜନ୍ମ ଦେବା ପରେ ତିନିଶହ ବର୍ଷ ପର୍ଯ୍ୟନ୍ତ ପରମେଶ୍ୱରଙ୍କ ଗମନାଗମନ କଲେ । ଏବ୍ରୀ ୧୧:୫ ପଦରେ ହନୋକ ବିଷୟରେ କହେ, ‘‘ବିଶ୍ୱାସ ଦ୍ୱାରା ହନୋକ ମୃତ୍ୟୁଭୋଗ ନକରି ଅନ୍ତର୍ହିତ ହେଲେ, ସେ ଆଉ ଦେଖାଗଲେ ନାହିଁ, କାରଣ ଈଶ୍ୱର ତାଙ୍କୁ ଅନ୍ତର୍ହିତ କରିଥିଲେ । ସେ ଯେ ଈଶ୍ୱରଙ୍କର ସନ୍ତୋଷ ପାତ୍ର ଅନ୍ତର୍ହିତ ହେବା ପୂର୍ବେ ସେଥିର ସାକ୍ଷ୍ୟ ପ୍ରାପ୍ତ ହୋଇଥିଲେ ।’’

ହନୋକ ଅନ୍ତର୍ହିତ ହେବା ପୂର୍ବେ କିପରି ପରମେଶ୍ୱରଙ୍କ ସନ୍ତୋଷ ପାତ୍ର ହୋଇପାରିଥିଲେ ? ଏହାର ଉତ୍ତର ୧୧:୬ ପଦରେ ପଢ଼ିପାରୁ, ଯାହା କହେ, ‘‘ବିଶ୍ୱାସ ବିନା ତାହାଙ୍କ ସନ୍ତୋଷ ପାତ୍ର ହେବା ଅସମ୍ଭବ, କାରଣ ଈଶ୍ୱର ଯେ ଅଛନ୍ତି, ଆଉ ସେ ଯେ ତାହାଙ୍କ ଅନ୍ୱେଷଣକାରୀମାନଙ୍କ ପୁରସ୍କାର ଦାତା, ଏହା ତାହାଙ୍କ ଛାମୁକୁ ଆସିବା ଲୋକର ବିଶ୍ୱାସ କରିବା ଆବଶ୍ୟକ । (ଏବ୍ରୀ ୧୧:୬) ଈଶ୍ୱରଙ୍କ ଠାରେ ବିଶ୍ୱାସ ରଖି, ସେ ଯେ ତାହାଙ୍କ ଅନ୍ୱେଷଣକାରୀମାନଙ୍କ ପୁରସ୍କାରଦାତା ଅଟନ୍ତି ବିଶ୍ୱାସ କରିବା ପ୍ରତ୍ୟେକ ତାହାଙ୍କ ସନ୍ତୋଷ ପାତ୍ର ଅଟନ୍ତି । ଈଶ୍ୱରଙ୍କ ଅସ୍ତିତ୍ୱ ବିଷୟରେ ଆମ୍ଭେମାନେ କିପରି ବିଶ୍ୱାସ କରିପାରିବା ? ଈଶ୍ୱର ଆପଣାକୁ ରହସ୍ୟମୟ, ଅନ୍ଧକାରମୟ ସ୍ଥାନରେ ଲୁଚାଇ ରଖି ନାହାନ୍ତି । ତାହାଙ୍କ ଅସ୍ତିତ୍ୱ ଏହି ସର୍ବବିଶ୍ୱରେ ବ୍ୟାପ୍ତ । ମହାରାଜ ଦାଉଦ କହନ୍ତି, ‘‘ଆକାଶମଣ୍ଡଳ ପରମେଶ୍ୱରଙ୍କ ଗୌରବ ବର୍ଣ୍ଣନା କରେ, ଶୂନ୍ୟମଣ୍ଡଳ ତାହାଙ୍କ ହସ୍ତକୃତ କର୍ମ ପ୍ରକାଶ କରେ । ଦିବସ ଦିବସ ପ୍ରତି ବାକ୍ୟ ଉଚ୍ଚାରଣ କରେ ଓ ରାତ୍ରି ରାତ୍ରି ପ୍ରତି ଜ୍ଞାନ ପ୍ରକାଶ କରେ । କୌଣସି ବାକ୍ୟ କି ଭାଷା ନଥାଏ, ସେମାନଙ୍କ ରବ ଶୁଣାଯାଇ ନପାରେ । ସେମାନଙ୍କର ରଜ୍ଜୁ ସମୁଦାୟ ପୃଥିବୀରେ ଓ ସେମାନଙ୍କ ବାକ୍ୟ ଜଗତର ସୀମା ପର୍ଯ୍ୟନ୍ତ ବ୍ୟାପ୍ତ ।’’ (ଗୀତ ୧୯:୧-୪) । ଆକାଶମଣ୍ଡଳ ଓ ପୃଥିବୀସ୍ଥ ସମସ୍ତ ଈଶ୍ୱରଙ୍କ ସୃଷ୍ଟ ବସ୍ତୁ ସକଳ ତାହାଙ୍କ ଅସ୍ତିତ୍ୱ ଓ ଗୌରବ ବର୍ଣ୍ଣନା କରେ । ‘‘ଯେଣୁ ଈଶ୍ୱରଙ୍କ

ସମ୍ବନ୍ଧରେ ଯାହା ଜ୍ଞାତବ୍ୟ, ତାହା ସେମାନଙ୍କ ଅନ୍ତରରେ ପ୍ରକାଶିତ ହୋଇଅଛି, ଈଶ୍ୱର ତ ସେମାନଙ୍କ ନିକଟରେ ତାହା ପ୍ରକାଶ କରିଅଛନ୍ତି । ଜଗତର ସୃଷ୍ଟିକାଳବଧି ତାହାଙ୍କର ଅଦୃଶ୍ୟ ଗୁଣ ସମୂହ, ଅର୍ଥାତ୍ ତାହାଙ୍କର ଅନାଦି ଅନନ୍ତ ଶକ୍ତି ଓ ଈଶ୍ୱରତ୍ୱ, ସୃଷ୍ଟ ବସ୍ତୁଗୁଡ଼ିକ ଦ୍ୱାରା ବୋଧଗମ୍ୟ ହୋଇ ସ୍ପଷ୍ଟରୂପେ ପ୍ରତୀୟମାନ ହେଉଅଛି, ଯେପରି ସେମାନଙ୍କର ଉତ୍ତର ଦେବାର ବାଟ ନଥାଏ ।'' (ରୋମୀୟ ୧:୧୯-୨୦)

ଈଶ୍ୱର ଯେ ଅଛନ୍ତି, ଏହା ତାହାଙ୍କ ଲିଖିତ ପବିତ୍ର ପୁସ୍ତକ ବାଇବଲ ସାକ୍ଷ୍ୟ ଦିଏ । ବାଇବଲ ଯାହା କି ଈଶ୍ୱରଙ୍କ ବାକ୍ୟ ଅନେକ ଭାଷାରେ ଅନୁବାଦିତ ହୋଇ, ମୁଦ୍ରିତ ହୋଇ ସର୍ବସୃଷ୍ଟିରେ ତାହାଙ୍କ ମହିମା ପ୍ରକଟ କରୁଅଛି । ପରମେଶ୍ୱରଙ୍କ ଦ୍ୱାରା ମନୋନୀତ ସେବକ, ପ୍ରଚାରକମାନଙ୍କ ଦ୍ୱାରା ଈଶ୍ୱରଙ୍କ ମହିମା ଏହି ଜଗତରେ ସମସ୍ତ ଜାତି, ସମସ୍ତ ଗୋଷ୍ଠୀ, ସମସ୍ତ ଦେଶରେ ପ୍ରକଟିତ ହେଉଅଛି ।

ତାହାଙ୍କ ସହିତ ଗମନାଗମନ କରି, ତାହାଙ୍କ ସନ୍ତୋଷମୟ ଜୀବନଯାପନ କରିବା ପାଇଁ ଆମ୍ଭମାନଙ୍କୁ ସେ ଯେ ତାହାଙ୍କ ଅନ୍ୱେଷଣକାରୀମାନଙ୍କ ପୁରସ୍କାରଦାତା ଏହା ବିଶ୍ୱାସ କରିବା ଆବଶ୍ୟକ । ତାହାଙ୍କ ଅନ୍ୱେଷଣ କରିବାର ଅର୍ଥ, ତାହାଙ୍କ ଆଜ୍ଞାପାଳନ କରିବା, ଏବଂ ତାହାଙ୍କ ଆଜ୍ଞା ଭାରମୟ ନୁହେଁ । ତାହାଙ୍କ ଅନ୍ୱେଷଣ କରିବାର ଅର୍ଥ ପ୍ରତିଦିନ ଆପଣା ପାଇ କ୍ରୁଶ ବହନ କରି ତାହାଙ୍କ ଅନୁସରଣ କରିବା । ହେବଲ ତାହାଙ୍କ ଅନ୍ୱେଷଣ କରି କୟିନଙ୍କ ଠାରୁ ଉତ୍କୃଷ୍ଟତର ବଳି ଉତ୍ସର୍ଗ କରେ । ତାହାଙ୍କ ବଳି ସଦାପ୍ରଭୁଙ୍କ ଠାରେ ଗ୍ରାହ୍ୟ ହୋଇଥିଲା । ହନୋକ ସଦାପ୍ରଭୁଙ୍କ ଅନ୍ୱେଷଣ କରି ତାହାଙ୍କ ନିକଟକୁ ଅନ୍ତର୍ହିତ ହେଲେ । ନୋହ ସଦାପ୍ରଭୁଙ୍କ ଅନୁସରଣ କରି ଜାହାଜ ନିର୍ମାଣ କରି ମହାଜଳୀୟ ପ୍ରଳୟରୁ ଆପଣା ପରିବାରକୁ ଓ ଜୀବରାଶିକୁ ରକ୍ଷା କରିପାରିଥିଲେ । ଅବ୍ରାହମ ସଦାପ୍ରଭୁଙ୍କ ଅନ୍ୱେଷଣ କରି, ''ବିଶ୍ୱାସର ପିତା'' ପଦବୀ ପୁରସ୍କାର ସ୍ୱରୂପ ପାଇଥିଲେ । ଏପରି ଅନେକ ଉଦାହରଣ ଆମ୍ଭେମାନେ ବାଇବଲରେ ପଢ଼ିଥାଉଁ । ଯେଉଁମାନେ ତାହାଙ୍କ ବାକ୍ୟ ଅଗ୍ରାହ୍ୟ କରି, ତାହାଙ୍କ ଅନୁସରଣ ନକରନ୍ତି ସେ ସେମାନଙ୍କ ଦଣ୍ଡଦାତା ଅଟନ୍ତି ।

ହନୋକ ଈଶ୍ୱରଙ୍କ ଠାରେ ବିଶ୍ୱାସର ଜୀବନଯାପନ କରିଥିଲେ ଓ ତାହାଙ୍କ ସନ୍ତୋଷପାତ୍ର ହୋଇ ପାରିଥିଲେ । ସଦାପ୍ରଭୁଙ୍କ ଦୃଷ୍ଟିରେ ସନ୍ତୋଷମୟ ଜୀବନଯାପନ କଲେ ଆମ୍ଭେମାନେ ତାହାଙ୍କ ସହିତ ଗମନାଗମନ କରିପାରିବା । ପ୍ରେରିତ ପାଉଲ କରନ୍ଥୀ ମଣ୍ଡଳୀକୁ କହନ୍ତି, ''କାରଣ ଆମ୍ଭେମାନେ ଦୃଶ୍ୟ ବିଷୟ ନେଇ ଜୀବନଯାପନ ନକରି, ବିଶ୍ୱାସରେ ଜୀବନଯାପନ କରୁଅଛୁ । (୨ କରିନ୍ଥୀ ୫:୭) ପର୍ବତ ଉପଦେଶରେ ପ୍ରଭୁ

କହିଲେ, ''ମୋତେ ପ୍ରଭୁ ପ୍ରଭୁ ବୋଲି ଡାକନ୍ତି, ଏପରି ପ୍ରତ୍ୟେକ ସ୍ୱର୍ଗରାଜ୍ୟରେ ପ୍ରବେଶ କରିବେ ନାହିଁ, ମାତ୍ର ଯେ ମୋହର ସ୍ୱର୍ଗସ୍ଥ ପିତାଙ୍କ ଇଚ୍ଛା ସାଧନ କରେ, ସେ ପ୍ରବେଶ କରିବ ।'' (ମାଥିଉ ୭:୨୧)

ଯେଉଁମାନେ ବିଶ୍ୱାସ ସହ ହନୋକ, ନୋହ, ଅବ୍ରାହମଙ୍କ ସଦୃଶ୍ୟ ଜୀବନଯାପନ କରନ୍ତି, ସେମାନେ ପ୍ରତ୍ୟେକ ତାହାଙ୍କ ସହିତ ଗମନାଗମନ କରନ୍ତି । ଯାକୁବ କହନ୍ତି,''ଈଶ୍ୱରଙ୍କ ନିକଟବର୍ତ୍ତୀ ହୁଅ, ସେଥିରେ ସେ ତୁମ୍ଭମାନଙ୍କ ନିକଟବର୍ତ୍ତୀ ହେବେ ।'' (ଯାକୁବ ୪:୮) ସଦାପ୍ରଭୁ ତାହାଙ୍କୁ ଅନୁସରଣ କରିବା ନିମନ୍ତେ କାହାକୁ ବାଧ୍ୟ କରନ୍ତି ନାହିଁ । କିନ୍ତୁ ଯେ ତାହାଙ୍କୁ ଅନୁସରଣ ନ କରନ୍ତି, ସେମାନଙ୍କ ଦଣ୍ଡଦାତା ସେ ଅଟନ୍ତି । ଆସ, ଆମ୍ଭେମାନେ ନିଷ୍କପଟ ଓ ସଦ୍‌ହୃଦୟରେ ତାହାଙ୍କ ନିକଟବର୍ତ୍ତୀ ହେଉ । ବିଶ୍ୱାସରେ ଜୀବନଯାପନ କରି ତାହାଙ୍କ ସହିତ ଗମନାଗମନ କଲେ, ଏହି ଜୀବନଯାତ୍ରାର ଶେଷରେ ସେ ଆମ୍ଭମାନଙ୍କ ତାହାଙ୍କ ନିତ୍ୟ ନିବାସରେ ଗ୍ରହଣ କରିବେ ।

**- Kabita Gootam**

❋❋❋

# ପରମେଶ୍ୱରଙ୍କ ନିମନ୍ତେ ମୋ ପ୍ରାଣର ତୃଷ୍ଣା

## (Langing for God)

''ହରିଣୀ ଯେପରି ଜଳସ୍ରୋତ ପାଇଁ ଧକାଏ, ସେ ରୂପ ହେ ପରମେଶ୍ୱର, ମୋ ପ୍ରାଣ ତୁମ୍ଭ ପାଇଁ ଧକାଏ । ପରମେଶ୍ୱରଙ୍କ ନିମନ୍ତେ, ଜୀବନ ପରମେଶ୍ୱରଙ୍କ ନିମନ୍ତେ ମୋ ପ୍ରାଣ ତୃଷିତ ।'' (ଗୀତ ୪୨:୧-୨)

ଗଭୀର ଅନ୍ତରଂଗରୁ ପରମେଶ୍ୱରଙ୍କ ପ୍ରତି ତୃଷ୍ଣା ! ପ୍ରିୟତମ ନିମନ୍ତେ ଆତୁରତା ! ଜୀବିତ ପରମେଶ୍ୱରଙ୍କ ଛାମୁରେ ଉପସ୍ଥିତ ହେବାକୁ ଆପଣଙ୍କ ପ୍ରାଣ କି ତୃଷିତ ? ପରମେଶ୍ୱରଙ୍କ ନିମନ୍ତେ ଆପଣଙ୍କ ପ୍ରାଣ କି ଧକାଏ ?

ଲେଖକଙ୍କ ଏପରି ତୃଷିତ ହେବାର କାରଣ କଅଣ ? ଆମ୍ଭେମାନେ ତୃଷିତ ହେଲେ ଜଳ ନିମନ୍ତେ ଆମ୍ଭମାନଙ୍କ ପ୍ରାଣ ଧକାଏ, କ୍ଷୁଧିତ ହେଲେ ଖାଦ୍ୟ ନିମନ୍ତେ ପରିଶ୍ରାନ୍ତ ହେଲେ ବିଶ୍ରାମ ନିମେନ୍ତ ଆତୁର ହେଉ, ଦୁଃଖଗ୍ରସ୍ତ ହେଲେ ସାନ୍ତ୍ୱନା ନିମନ୍ତେ ଆମ୍ଭମାନଙ୍କ ପ୍ରାଣ ଖୋଜେ । ପ୍ରିୟମାନଙ୍କ ସହ ବାସ କାମନା କରିଥାଉ । ଲେଖକଙ୍କ

ପ୍ରାଣ କାହା ନିମନ୍ତେ ତୃଷିତ ହୁଏ ତାହାଙ୍କ ଲେଖନୀରୁ ଆମେ ବୁଝିପାରୁ । ସେ ଗାଢ଼ ଭାବେ ସଦାପ୍ରଭୁଙ୍କୁ ପ୍ରେମ କରନ୍ତି ।

ସଦାପ୍ରଭୁ ଏହି କଥା କହନ୍ତି, ଜ୍ଞାନବାନ ଆପଣା ଜ୍ଞାନରେ ଦର୍ପ ନ କରୁ, କିଅବା ବଳବାନ ଆପଣା ବଳରେ ଦର୍ପ ନ କରୁ, ଧନବାନ ଆପଣା ଧନରେ ଦର୍ପ ନ କରୁ ମାତ୍ର ଯେବେ କେହି ଦର୍ପ କରଇ, ତେବେ ସେ ଆମ୍ଭଙ୍କୁ କହେ ଓ ଜାଣେ ବୋଲି ଦର୍ପ କରୁ, ଆମ୍ଭେ ସଦାପ୍ରଭୁ, ପୃଥିବୀରେ ସ୍ନେହପୂର୍ଣ୍ଣ କରୁଣା, ବିଚାର ଓ ଧର୍ମ ସାଧନ କରୁ, କାରଣ ସଦାପ୍ରଭୁ କହନ୍ତି, ଏ ସବୁରେ ଆମ୍ଭର ସନ୍ତୋଷ ଥାଏ । (ଯିରିମିୟ ୯:୨୩,୨୪)

ବିଶ୍ୱର ସୃଷ୍ଟିକର୍ତ୍ତା, ସର୍ବଶକ୍ତିମାନ ପରମେଶ୍ୱର, ତାହାଙ୍କ ବିଷୟରେ ଆମ୍ଭେମାନେ ଜାଣିବା ସେ ଇଚ୍ଛା କରନ୍ତି । ଧାର୍ମିକ ଓ ନ୍ୟାୟବାନ ପରମେଶ୍ୱର ସ୍ନେହଶୀଳ, କୃପାମୟ, କ୍ରୋଧରେ ଧୀର ଓ ଅତ୍ୟନ୍ତ ଦୟାଳୁ । ଆମ୍ଭେମାନେ ମଧ୍ୟ ତାହାଙ୍କ ସଦୃଶ୍ୟ ଜୀବନଯାପନ କରିବା ସେ ଇଚ୍ଛା କରନ୍ତି ।

ପରମେଶ୍ୱରଙ୍କ ଜାଣିବାର ତୃଷ୍ଣା ଠାରୁ ଆଉ ଅଧିକ ବିଷୟ ଏ ଜୀବନରେ କଅଣ ଅଛି ? ପ୍ରଭୁଙ୍କ ବିଷୟ ଜାଣିବା ତାହାଙ୍କ ନିକଟବର୍ତ୍ତୀ ହେବା ଠାରୁ ବଳି ବିଷୟ ଏ ଜଗତରେ କିଛି ନାହିଁ ।

ପାଉଲ :- "ଏଣୁ ମଧ୍ୟ ନିବାସୀ ହେଉ ବା ପ୍ରବାସୀ ହେଉ, ତାହାଙ୍କ ନିକଟରେ ସନ୍ତୋଷ ପାତ୍ର ହେବା ଆମ୍ଭମାନଙ୍କର ଏକାନ୍ତ ବାସନା ।" (୨ କରିନ୍ଥୀ ୫:୯) ମୋଶା: ଯାତ୍ରା ୩୩:୧୮, ଦାଉଦ: ଗୀତ ୪୨:୨ ଅବ୍ରାହମ: ଏବ୍ରୀ ୧୧:୧୦ "ଯେଉଁ ନଗର ଭିତ୍ତିମୂଳ ବିଶିଷ୍ଟ ପୁଣି ଯାହାର ଶିଳ୍ପୀ ଓ ନିର୍ମାତା ସ୍ୱୟଂ ଈଶ୍ୱର, ସେ ତହିଁର ଅପେକ୍ଷାରେ ଥିଲେ ।"

ପ୍ରଭୁଙ୍କ ଦର୍ଶନ କରିବାକୁ କି ଆପଣ ଆକାଂକ୍ଷିତ ? "........କାରଣ ସେ ଯେପରି ଆମ୍ଭେମାନେ ସେପରି ତାହାଙ୍କୁ ଦର୍ଶନ କରିବାକୁ ଆପଣ କି ପ୍ରସ୍ତୁତ ଅଟନ୍ତି? (୧ମ ଯୋହନ ୩:୧-୩) ।

ଆମ୍ଭମାନଙ୍କ ଜୀବନ ଆମ୍ଭମାନଙ୍କ ସ୍ୱଇଚ୍ଛାରେ ଯାପନ କରିଥାଉଁ । ଜାଗତିକ ଅଭିଳାଷ ପରିପୂର୍ଣ୍ଣ କରିବା ଆମ୍ଭମାନଙ୍କ ଜୀବନର ଧ୍ୟେୟ ହୋଇଅଛି । ଏହି ଜାଗତିକ ଅଭିଳାଷରେ ଆମ୍ଭେମାନେ ଆସକ୍ତ ହୋଇ, ସଦାପ୍ରଭୁଙ୍କ ଅନୁସରଣ କରୁନାହୁଁ । ତାହାଙ୍କ ସନ୍ତୋଷଜନକ ଜୀବନଯାପନ ଆମ୍ଭମାନଙ୍କ ଏକାନ୍ତ ବାସନା ନ ହୋଇ, ସାଂସାରିକ ଅଭିଳାଷପୂର୍ଣ୍ଣ କରିବା ଆମ୍ଭମାନଙ୍କ ବାସନା ହୋଇଅଛି । ଏତଦ୍ୱାରା ଆମ୍ଭେମାନେ ଶୟତାନକୁ ତୁଷ୍ଟ ଓ ପବିତ୍ର ଆତ୍ମାଙ୍କୁ ଅସନ୍ତୁଷ୍ଟ କରୁଅଛୁ । (ଏଫିସୀ ୪:୩୦) । ଆମ୍ଭମାନଙ୍କ ଜୀବନ ବିଷୟରେ ପରମେଶ୍ୱର ଦୁଃଖିତ ଅଟନ୍ତି । ବାକ୍ୟ କହେ, "......ଈଶ୍ୱରଙ୍କ ନିକଟରେ ଆପଣାକୁ

ପରୀକ୍ଷାସିଦ୍ଧ ଦେଖାଇବାକୁ ଯତ୍ନ କର ।'' (୨ ତୀମଥି ୨:୧୫) କିନ୍ତୁ ଆମ୍ଭେମାନେ ସତ୍ୟବାକ୍ୟ ଯଥାର୍ଥରୂପେ ବ୍ୟବହାର କରିବା ନିମନ୍ତେ ଶିକ୍ଷିତ ହେବାକୁ ଅନିଚ୍ଛୁକ ।

**୧) ଆପଣଙ୍କ ଜୀବନର ଲକ୍ଷ୍ୟ କ'ଣ ?**

ଆପଣଙ୍କ ଜୀବନର ଲକ୍ଷ୍ୟ କଅଣ ? କେଉଁ ବିଷୟର ସାଧନାରେ ଆପଣ ଆପଣା ସମୟ ବିତାଉ ଅଛନ୍ତି ? ଜୀବନର ଅନ୍ୟ ସବୁ ବିଷୟ ଠାରୁ କେଉଁ ବିଷୟ ଆପଣଙ୍କ ଜୀବନରେ ପ୍ରାଧାନ୍ୟତା ଲାଭ କରିଅଛି ? ଧନୀ ହେବା, ବିବାହ କରିବା, ହିମାଳୟ ପର୍ବତ ଶିଖର ଚଢ଼ିବା, ସୁନ୍ଦର ଗୃହ ନିର୍ମାଣ କରିବା ପ୍ରକୃତି ମନୁଷ୍ୟମାନଙ୍କ ଲକ୍ଷ୍ୟ ହୋଇଥାଏ । ତେବେ ଆପଣଙ୍କ ଲକ୍ଷ୍ୟ କଅଣ ?

**୨) ପରମେଶ୍ୱରଙ୍କୁ ଅନୁସନ୍ଧାନ କରିବା ଓ ଜାଣିବା ଆପଣଙ୍କ ଜୀବନର ଲକ୍ଷ୍ୟ ହେଉ ?**

ଯିରିମିୟ ଭାବବାଦୀ କହନ୍ତି, ''......ସଦାପ୍ରଭୁ ଏହି କଥା କହନ୍ତି, ଜ୍ଞାନବାନ ଆପଣା ଜ୍ଞାନରେ ଦର୍ପ ନ କରୁ, କିଅବା ବଳବାନ ଆପଣା ବଳରେ ଦର୍ପ ନ କରୁ, ଧନବାନ ଆପଣା ଧନରେ ଦର୍ପ ନକରୁ, ମାତ୍ର ଯେବେ କେହି ଦର୍ପ କରଇ, ତେବେ ସେ ଆମ୍ଭଙ୍କୁ ଚିହ୍ନେ ଓ ଜାଣେ ବୋଲି ଦର୍ପ କରୁ, ଆମ୍ଭେ ସଦାପ୍ରଭୁ, ପୃଥିବୀରେ ସ୍ନେହପୂର୍ଣ୍ଣ କରୁଣା, ବିଚାର ଓ ଧର୍ମ ସାଧନ କରୁ, କାରଣ ସଦାପ୍ରଭୁ କହନ୍ତି, ଏ ସବୁରେ ଆମ୍ଭର ସନ୍ତୋଷ ଥାଏ ।

ପ୍ରେରିତ ୧୭:୨୭ରେ ଲେଖାଯାଏ, ''........ସେମାନେ ଯେପରି ଈଶ୍ୱରଙ୍କର ଅନ୍ୱେଷଣ କରି କାଳେ ଦରାଣ୍ଡି ଦରାଣ୍ଡି ତାହାଙ୍କର ଉଦ୍ଦେଶ୍ୟ ପାଇପାରନ୍ତି, ଯଦ୍ୟପି ସେ ଆମ୍ଭମାନଙ୍କର କାହାରିଠାରେ ଦୂରରେ ନାହାନ୍ତି ।

**୩) କିପରି ପରମେଶ୍ୱରଙ୍କ ସନ୍ଧାନ ପାଇବା ?**

ଅନେକଙ୍କ ମନରେ ପ୍ରଶ୍ନ ଉଠେ, ଆମ୍ଭେମାନେ କିପରି ତାହାଙ୍କ ଠାରେ ବିଶ୍ୱାସ କରିପାରିବା ? ମୁଁ ତାହାଙ୍କୁ ଦେଖି ପାରୁନାହିଁ, ଶୁଣିପାରୁନାହିଁ, ତାହାଙ୍କୁ ବିଶ୍ୱାସ କରିବାକୁ ମୁଁ ଇଚ୍ଛା କରେ, କିନ୍ତୁ କିପରି ? ଆମ୍ଭେମାନେ ବିଶ୍ୱାସରେ ତାହାଙ୍କ ଅନୁସନ୍ଧାନ କରୁ ଓ ଅନୁସରଣ କରୁ ।

ଏବ୍ରୀ ୧୧:୧ କହେ, ''ବିଶ୍ୱାସ ପ୍ରତ୍ୟାଶିତ ବିଷୟର ମୂଳଭୂମି ଓ ଅଦୃଶ୍ୟ ବିଷୟର ନିଶ୍ଚିତ ଜ୍ଞାନ ।'' ଯେଉଁ ବିଷୟ ଆପଣ ଦେଖିନାହାଁନ୍ତି, ସେ ବିଷୟରେ ଆପଣ କିପରି ନିଶ୍ଚିତ ଜ୍ଞାନ ପାଇ ପାରିବେ ? ଯାହା ନଦେଖି, ନଶୁଣି ବିଶ୍ୱାସ

କରନ୍ତି, ତାହା ଭରସା ଅଟେ । ଯଦିଓ ଆମ୍ଭମାନଙ୍କ ମଧ୍ୟରୁ କେହି ମହାତ୍ମାଗାନ୍ଧିଙ୍କୁ ଦେଖି ନାହୁଁ, ତଥାପି ସେ ଜଗତରେ ଜନ୍ମଗ୍ରହଣ କରି, ଭାରତ ସ୍ୱାଧୀନତା ସଂଗ୍ରାମରେ ନେତୃତ୍ୱ ନେଇଥିଲେ ବୋଲି ଜାଣୁ । ଏହା ହିଁ ଭରସା । ଆମ୍ଭମାନଙ୍କ ଭରସାର କାରଣ ସଦାପ୍ରଭୁ ଅଟନ୍ତି । ''ଆକାଶମଣ୍ଡଳ ପରମେଶ୍ୱରଙ୍କ ଗୌରବ ବର୍ଣ୍ଣନା କରେ, ଶୂନ୍ୟମଣ୍ଡଳ ତାହାଙ୍କ ହସ୍ତକୃତ କର୍ମ ପ୍ରକାଶ କରେ ।'' (ଗୀତ ୧୯:୧) ଜଗତର ସୃଷ୍ଟିକାଳାବଧି ତାହାଙ୍କର ଅଦୃଶ୍ୟଗୁଣ ସମୂହ, ଅର୍ଥାତ୍ ତାହାଙ୍କର ଅନାଦି ଅନନ୍ତ ଶକ୍ତି ଓ ଈଶ୍ୱରତ୍ୱ ସୃଷ୍ଟିବସ୍ତୁଗୁଡ଼ିକ ଦ୍ୱାରା ବୋଧଗମ୍ୟ ହୋଇ ସ୍ପଷ୍ଟରୂପେ ପ୍ରତୀୟମାନ ହୋଇଅଛି, ଯେପରି ସେମାନଙ୍କର ଉତ୍ତର ଦେବାର ବାଟ ନଥାଏ ।'' (ରୋମୀୟ ୧:୨୦)

ଏହି ବିଶ୍ୱ ଯେ ଦିନେ ବିନଷ୍ଟ ହେବ, ଏହା ଆମ୍ଭମାନଙ୍କ ବିଜ୍ଞାନ କହେ । ଏହା ବିନଷ୍ଟ ହେବ କାରଣ ଏହା ସଦାପ୍ରଭୁଙ୍କ ଦ୍ୱାରା ସୃଷ୍ଟ ହୋଇଥିଲା । ଆମ୍ଭମାନଙ୍କ ଆତ୍ମା ହିଁ ନିତ୍ୟଜୀବୀ । ଏହି ନିତ୍ୟଜୀବୀ ଆତ୍ମା ଯଦି ସଦାପ୍ରଭୁଙ୍କ ନିମନ୍ତେ ତୃଷିତ, ତେବେ ସେ ସଦାପ୍ରଭୁଙ୍କ ସହିତ ବାସ କରିବ । ନଚେତ୍ ନରକରେ ଅଗ୍ନିରେ ଅନନ୍ତକାଳ ପର୍ଯ୍ୟନ୍ତ ଦଗଧି ହେବ ।

**- Thomas R.Dohling**

❋❋❋

# ବିଶ୍ୱାସର ପରୀକ୍ଷା

## (Great Tests for Faith)

ସଦାପ୍ରଭୁ ସବୁବେଳେ ମନୁଷ୍ୟର ବିଶ୍ୱାସ ପରୀକ୍ଷା କରନ୍ତି । ବିଶ୍ୱାସ କିପରି ଜାତ ହୁଏ ? ଆଶ୍ଚର୍ଯ୍ୟକ୍ରିୟା ଦ୍ୱାରା ମନୁଷ୍ୟର ହୃଦୟରେ ବିଶ୍ୱାସ ଜାତ ହୁଏ ନାହିଁ, କାରଣ ବାକ୍ୟ କହେ, ''ବିଶ୍ୱାସ ଶ୍ରବଣରୁ ଜାତ ହୁଏ ଓ ଶ୍ରବଣ ଖ୍ରୀଷ୍ଟଙ୍କ ବାକ୍ୟ ଦ୍ୱାରା ହୁଏ।'' (ରୋମୀୟ ୧୦:୧୭) ବିଶ୍ୱାସର ଉତ୍ପତ୍ତି ବିଷୟରେ ବାକ୍ୟ ଯାହା କହେ, ତାହା ମୁଁ ବିଶ୍ୱାସ କରେ, ଆପଣ କି ବିଶ୍ୱାସ କରନ୍ତି ?

ଏବ୍ରୀ ପୁସ୍ତକର ୧୧ମ ଅଧ୍ୟାୟରେ କାର୍ଯ୍ୟକାରୀ ବିଶ୍ୱାସ ବିଷୟରେ ସୁନ୍ଦରଭାବେ ବର୍ଣ୍ଣନା କରାଯାଇଅଛି । କର୍ମ ବିନା ବିଶ୍ୱାସ ମୃତ । (ଯାକୁବ ୨:୨୪-୨୬) । ସ୍ୱଚକ୍ଷୁରେ ନଦେଖି ଥିବା ବିଷୟ ଆମ୍ଭେମାନେ ବିଶ୍ୱାସ ଦ୍ୱାରା ବୁଝି ପାରିଥାଉ ।

(ଏବ୍ରୀ ୧୧:୧-୩, ୨ୟ କରିନ୍ଥୀ ୪:୧୬-୧୮)। ବିଶ୍ୱାସର ଯୋଦ୍ଧା ହେବଲ, ନୋହ, ଅବ୍ରାହମ, ଇସ୍‌ହାକ, ଯାକୁବ, ଯୋସେଫମାନଙ୍କ ବିଶ୍ୱାସର କର୍ମ ବିଷୟରେ ଏବ୍ରୀ ଏକାଦଶ ଅଧ୍ୟାୟରେ ବର୍ଣ୍ଣିତ କରାଯାଇଅଛି। ସେମାନେ ପରମେଶ୍ୱରଙ୍କ ଆଜ୍ଞାପାଳନ କରି ଆପଣା ବିଶ୍ୱାସର ପ୍ରମାଣ ଦେଇଥିଲେ।

ପରମେଶ୍ୱରଙ୍କ ଆଜ୍ଞାନୁଯାୟୀ ନୋହ, ଜାହାଜ ନିର୍ମାଣ କରି, ବିଶ୍ୱାସର ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ। (ଆଦି ୨:୧୪-୨୨, ଏବ୍ରୀ ୧୧:୭) ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ବଳିଦେବାକୁ ପ୍ରସ୍ତୁତ ହୋଇ ଅବ୍ରାହମ ସଦାପ୍ରଭୁଙ୍କ ପ୍ରତି ତାହାଙ୍କ ବିଶ୍ୱାସର ସପ୍ରମାଣ ଦେଇଥିଲେ। ମିସରର ବନ୍ଦୀତ୍ୱରୁ ଇଶ୍ରାଏଲ୍ ଜାତିକୁ ବାହାରକୁ କଢ଼ାଇ ଆଣି ମୋଶା ଆପଣା ବିଶ୍ୱାସର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। (ଏବ୍ରୀ ୧୧:୨୩-୨୯)। ଏବ୍ରୀ ୧୧:୩୦ ପଦରେ ଲେଖାଯାଏ, ''ବିଶ୍ୱାସ ଦ୍ୱାରା ଯିରୀହୋ ପ୍ରଚୀର ସାତଦିନ ପର୍ଯ୍ୟନ୍ତ ପ୍ରଦକ୍ଷିଣ ହେଲା ଉତ୍ତାରେ ଭୂମିସାତ ହେଲା।''

ପୁରାତନ ନିୟମର ଘଟଣାଗୁଡ଼ିକୁ କାହିଁକି ଉଦାହରଣ ସ୍ୱରୂପ ନିଆଯାଏ ? କାରଣ ସେଗୁଡ଼ିକ ଆମ୍ଭମାନଙ୍କ ଶିକ୍ଷାଦେବା ନିମନ୍ତେ ଲେଖାଯାଇଅଛି। ''ପୁଣି, ଆମ୍ଭେମାନେ ଯେପରି ଶାସ୍ତ୍ରଲବ୍ଧ ଧୈର୍ଯ୍ୟ ଓ ସାନ୍ତ୍ୱନା ଦ୍ୱାରା ଭରସା ପ୍ରପ୍ତ ହେଉ, ଏଥି ନିମନ୍ତେ ପୂର୍ବକାଳରେ ଯାହା ଯାହା ଲେଖା ହୋଇଥିଲା, ଏହିସବୁ ଆମ୍ଭମାନଙ୍କର ଶିକ୍ଷା ପାଇଁ ଲେଖାହୋଇଅଛି।'' (ରୋମୀୟ ୧୫:୪, ୧ମ କରିନ୍ଥୀ ୧୦:୧୧)

ବର୍ତ୍ତମାନ ଆମ୍ଭେମାନେ ପୁରାତନ ନିୟମାଧିନ ନୋହୁଁ। (ଏଫିସୀ ୨:୧୦-୧୪, କଲସୀ ୨:୧୪-୧୭)। ଏଥି ନିମନ୍ତେ ଆମ୍ଭେମାନେ ଏବେ ପଶୁବଳି ଦେଉନାହୁଁ, କିଅବା ବିଶ୍ରାମବାର ପାଳନ କରୁ ନାହୁଁ, କିଅବା ଆରାଧନା ନିମନ୍ତେ ଯିରୂଶାଲମକୁ ଯିବା ଆବଶ୍ୟକ ନାହିଁ। କିଅବା ଯିହୁଦୀମାନଙ୍କ ପର୍ବପାଳନ କରିବା ଆମ୍ଭମାନଙ୍କ ନିମନ୍ତେ ଆବଶ୍ୟକ ନୁହେଁ। ମଲବୀଷେଜକଙ୍କ ସଦୃଶ୍ୟ ଯୀଶୁଖ୍ରୀଷ୍ଟ ମହାଯାଜକ ରୂପେ ଅଭିଷିକ୍ତ ହେବା ନିମନ୍ତେ, ସଦାପ୍ରଭୁଙ୍କୁ ଆପଣା ବ୍ୟବସ୍ଥା ପରିବର୍ତ୍ତନ କରିବାକୁ ପଡ଼ିଲା। କାରଣ କେବଳ ଲେବୀୟମାନେ ଯାଜକତ୍ୱ ଗ୍ରହଣ କରିପାରନ୍ତି, କିନ୍ତୁ ଯୀଶୁଖ୍ରୀଷ୍ଟ ଯିହୂଦୀ ବଂଶଜ ଥିଲେ।

ଯୀଶୁଖ୍ରୀଷ୍ଟଙ୍କ କ୍ରୁଶୀୟ ମରଣରେ ପୁରାତନ ନିୟମ ଲୁପ୍ତ ହେଲା। ଯୀଶୁଖ୍ରୀଷ୍ଟଙ୍କ ପୁନଃରୁଥାନ ପରେ, ପେଣ୍ଟିକଷ୍ଟ ଦିନରୁ ନୂତନ ନିୟମ ପ୍ରଚଳନରେ ଆସିଲା। (ପ୍ରେରିତ ୨:୩୬-୩୭)। ଆପଣା ସ୍ୱଇଚ୍ଛାରେ କେହି ଯେକୌଣସି ମଣ୍ଡଳୀର ସଭ୍ୟ ହୋଇପାରେ ନାହିଁ। ପ୍ରଭୁ ଖ୍ରୀଷ୍ଟୀୟମାନଙ୍କୁ ଆପଣା ମଣ୍ଡଳୀରେ ଭୁକ୍ତ କରାନ୍ତି। ଆଦିମ ଶତାବ୍ଦୀରେ

କୌଣସି ମତଶାଖୀୟ ମଣ୍ଡଳୀ ସ୍ଥାପିତ ହୋଇନଥିଲା । ମତଶାଖା ଅର୍ଥ, ପବିତ୍ର ବାଇବଲର ଶିକ୍ଷାରୁ ବିମୁଖ ହୋଇ ଶାଖା, ବିଶାଖାରେ ବିଭକ୍ତ ହେବା । ଯାହା କି ପରମେଶ୍ୱରଙ୍କ ଇଚ୍ଛାବିରୁଦ୍ଧ ଅଟେ ।

ଆଜି ମଧ୍ୟ ଆମ୍ଭେମାନେ ଏପରି ପରୀକ୍ଷାର ସମ୍ମୁଖୀନ ହେଉଥାଉଁ । ପରମେଶ୍ୱରଙ୍କ ଇଚ୍ଛାସାଧନ କରିବା ଆମ୍ଭମାନଙ୍କ ଜୀବନର ଧେୟ ହେଉ । କର୍ମବିନା ଆମ୍ଭମାନଙ୍କ ବିଶ୍ୱାସର ପ୍ରମାଣ ଦେବା ଅସମ୍ଭବ ବୋଲି ପୁରାତନ ନିୟମର ଅନେକ ଦୃଷ୍ଟାନ୍ତର ବୁଝିପାରିଲୁ । କର୍ମ ଦ୍ୱାରା ଆମ୍ଭମାନଙ୍କ ବିଶ୍ୱାସ ପରିପୂର୍ଣ୍ଣ ହୁଏ । କେବଳ ବିଶ୍ୱାସ କାହାକୁ ରକ୍ଷା କରିପାରେ ନାହିଁ । (ଯାକୁବ ୨:୧୮-୨୬)

ମନ ପରିବର୍ତ୍ତନ କରିବାକୁ ବାଇବଲ ଆଜ୍ଞା ଦେଲେ ସୁଦ୍ଧା ଅନେକ ଆପଣା ଆପଣା ପାପରୁ ମନ ପରିବର୍ତ୍ତନ କରନ୍ତି ନାହିଁ । ମଦ୍ୟପାନ, ବ୍ୟଭିଚାର, କାମୁକତାରେ ସେମାନଙ୍କ ଜୀବନ ବିତିଯାଏ । ଶୟତାନର ଚାତୁରୀ ବିପକ୍ଷରେ ଛିଡ଼ା ହେବା ନିମନ୍ତେ ଆପଣ କି ପ୍ରସ୍ତୁତ ଅଟନ୍ତି ? ଈଶ୍ୱରଙ୍କର ସନ୍ତାନମାନଙ୍କୁ ଶୟତାନ ସର୍ବଦା ପରୀକ୍ଷା କରୁଥାଏ । ଏ ଜଗତରେ ଶୟତାନର ଅନେକ ଅନୁଚର, ଅନେକ ଦୁଷ୍ଟଆତ୍ମା ମନୁଷ୍ୟମାନଙ୍କୁ ପ୍ରଭୁଙ୍କ ରାସ୍ତାରୁ ବିମୁଖ କରିବାକୁ ସଦା କର୍ମରତ । (ମାଥିଉ ୮:୨୮, ୯:୩୪, ୧୨:୨୬) ଶୟତାନ ନରଘାତ ଏବଂ ମିଥ୍ୟାର ଜନକ (ଯୋହନ ୮:୪୪, ୧ମ ପିତର ୫:୮, ପ୍ରକାଶିତ ବାକ୍ୟ ୧୨:୯)

ଯୀଶୁଖ୍ରୀଷ୍ଟଙ୍କ ନାମ ସ୍ୱୀକାର ଅତ୍ୟାବଶ୍ୟକ (ମାଥିଉ ୧୦:୩୨-୩୩, ପ୍ରେରିତ ୮:୩୭) ଆପଣ କି ବିଶ୍ୱାସ ସହ ତାହାଙ୍କ ନାମ ସ୍ୱୀକାର କରିଅଛନ୍ତି ? ଓଠ ଦ୍ୱାରା ବିଶ୍ୱାସ ସ୍ୱୀକାର କରି, କାର୍ଯ୍ୟ ଦ୍ୱାରା କି ତାହାଙ୍କୁ ଅମାନ୍ୟ କରୁଅଛନ୍ତି ? ଆମ୍ଭେମାନେ ଯଦି ତାହାଙ୍କୁ ସ୍ୱୀକାର କରୁ ସେ ଆମ୍ଭମାନଙ୍କୁ ସ୍ୱୀକାର କରିବେ । (ରୋମୀୟ ୧୦:୯-୧୦) ଖ୍ରୀଷ୍ଟଙ୍କୁ ସ୍ୱୀକାର କରିବା ବିନୁ ଆମ୍ଭମାନଙ୍କ ପରିତ୍ରାଣ ନାହିଁ ।

କର୍ମଦ୍ୱାରା ପରିତ୍ରାଣ ପ୍ରାପ୍ତି ନହେଉଥିବାରୁ, ବାପ୍ତିସ୍ମ ଏକ କର୍ମ ହୋଇଥିବାରୁ, ବାପ୍ତିସ୍ମ ଗ୍ରହଣ କରିବା ଆବଶ୍ୟକ ନାହିଁ ବୋଲି ଅନେକ ତର୍କ କରିଥାନ୍ତି । ବାକ୍ୟ କହେ, ''ସେଥିରେ ସେମାନେ ତାହାଙ୍କୁ ପଚାରିଲେ, ଈଶ୍ୱରଙ୍କ କାର୍ଯ୍ୟସବୁ କରିବା ନିମନ୍ତେ ଆମ୍ଭମାନଙ୍କୁ କଅଣ କରିବାକୁ ହେବ ? ଯୀଶୁ ସେମାନଙ୍କୁ ଉତ୍ତର ଦେଲେ, ଈଶ୍ୱର ଯାହାଙ୍କୁ ପ୍ରେରଣ କରିଅଛନ୍ତି, ତାହାଙ୍କ ଠାରେ ବିଶ୍ୱାସ କରିବା ହିଁ ଈଶ୍ୱରଙ୍କ କାର୍ଯ୍ୟ ଅଟେ ।'' (ଯୋହନ ୬:୨୮-୨୯) ମନୁଷ୍ୟ ବିଶ୍ୱାସ କରେ, ମନ ପରିବର୍ତ୍ତନ କରେ, ସ୍ୱୀକାର କରେ, କିନ୍ତୁ ଅନ୍ୟ ଏକ ଖ୍ରୀଷ୍ଟିୟାନ ତାକୁ ଜଳରେ ବୁଡାଇ ବାପ୍ତିସ୍ମ ଦିଏ । (ରୋମୀୟ

୬:୩-୪, ପ୍ରେରିତ ୮:୩୦-୩୯) ଜଣେ ଖ୍ରୀଷ୍ଟଙ୍କ ଠାରେ ବାପ୍ତିଜିତ ହୁଏ । (ଗାଲାତୀ ୩:୨୬-୨୭) । ବାପ୍ତିସ୍ମ ଦ୍ୱାରା ମନୁଷ୍ୟ ପାପରୁ ମୁକ୍ତ ହୋଇ ପରିତ୍ରାଣ ପ୍ରପାତ ହୁଏ । (୧ମ ପିତର ୩:୨୧ ପ୍ରେରିତ ୨୨:୧୬, ପ୍ରେରିତ ୨:୩୮) ବାପ୍ତିସ୍ମ, ବିବାସର ଏକ ପରୀକ୍ଷା, ଏତଦ୍ୱାରା ଆମ୍ଭେମାନେ ଖ୍ରୀଷ୍ଟଙ୍କ ଆଜ୍ଞାବହ ହୋଇ ତାହାଙ୍କ ଇଚ୍ଛା ପାଳନ କରୁ । (ଲୂକ ୭:୨୯-୩୦) ।

ଖ୍ରୀଷ୍ଟିୟାନ ନିମନ୍ତେ ଅନେକ ଭାବେ ବିଶ୍ୱାସ ପରୀକ୍ଷା ହୁଏ । ସେଗୁଡ଼ିକରୁ କେତେକ ହେଲା : (୧) ମରଣ ପର୍ଯ୍ୟନ୍ତ ବିଶ୍ୱସ୍ତ ଜୀବନଯାପନ (ପ୍ରକାଶିତ ୨:୧୦) ଅନେକେ ନିୟମିତ ଭାବେ ମଣ୍ଡଳୀ ଉପାସନାରେ ଭାଗ ନିଅନ୍ତି ନାହିଁ । ସେମାନେ ସେ ସମୟରେ ବାହାରେ ବୁଲାବୁଲି କରିବା, ଖେଳ କୁଦରେ ଭାଗ ନେବା, ଅଳସ ହୋଇ ଘରେ ସମୟ ବିତାଇଥାନ୍ତି । (ଏବ୍ରୀ ୧୦:୨୫) । ପ୍ରଭୁ ଆପଣଙ୍କୁ ଡାକିଲେ, ଆପଣ କି ଉତ୍ତର ଦେବେ (୨) ଆପଣା ଧନର ସଦ୍ ବିନିଯୋଗ ବିଶ୍ୱାସର ପରୀକ୍ଷା ଅଟେ । ଏକ ଧନୀ ଲୋକଙ୍କୁ ପ୍ରଭୁ, ମୁର୍ଖ ବୋଲି ସମ୍ବୋଧନ କରନ୍ତି । (ଲୂକ ୧୨:୧୬-୨୧) । ସେ ଚୋର, ମଦୁଆ, ବା ବ୍ୟଭିଚାରୀ ନଥିଲେ କିନ୍ତୁ ସ୍ୱାର୍ଥୀ ଥିଲେ, ଆମ୍ଭମାନଙ୍କ ପ୍ରାଣ ବଦଳେ ଆମେ କଅଣ ଦେଇପାରିବା ? (ଗୀତ ୩୯:୬, ଉପଦେଶକ ୨:୧୮-୧୯) ।

**- W.A. Holley**

❋❋❋

# ମୁଁ କି ତୁମର ଶତ୍ରୁ ?

## (Have I become your Enemy)

ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ସୁସମାଚାରର ପ୍ରଚାରକ ଏବଂ ପ୍ରଧାନ ପ୍ରେରିତ ପାଉଲ ଏକ ଉଦ୍‌ଯୋଗୀ ଓ ସତ୍ୟ ବାକ୍ୟର ପ୍ରଚାରକ ଥିଲେ । ଯିହୂଦୀମାନଙ୍କ ଧର୍ମକର୍ମ ପରମେଶ୍ୱରଙ୍କ ଦୃଷ୍ଟିରେ ତୁଚ୍ଛ ବୋଲି ପାଉଲ ଯିହୂଦୀମାନଙ୍କୁ ସତର୍କ କରାଉଥିବାରୁ, ଯିହୂଦୀମାନେ ପାଉଲଙ୍କୁ ପସନ୍ଦ କରୁନଥିଲେ । ସେମାନଙ୍କ ମିଥ୍ୟାଶିକ୍ଷା ସେ ସବୁବେଳେ ପ୍ରତିରୋଧ କରୁଥିଲେ । ମନୁଷ୍ୟମାନଙ୍କୁ ପାପରୁ ମୁକ୍ତ କରିବା ନିମନ୍ତେ ସୁସମାଚାର ଏକ ଶକ୍ତିବାନ ଅସ୍ତ୍ର ବୋଲି ସେ ବିଶ୍ୱାସ କରିଥିବା ପାଉଲ କହନ୍ତି,'' କାରଣ ମୁଁ ସୁସମାଚାର ସମ୍ବନ୍ଧରେ ଲଜ୍ଜାବୋଧ କରେ ନାହିଁ, ଯେଣୁ ତାହା ପ୍ରତ୍ୟେକ ବିଶ୍ୱାସୀ ପକ୍ଷରେ ପରିତ୍ରାଣ ନିମନ୍ତେ ଈଶ୍ୱରଙ୍କ ଶକ୍ତି ଅଟେ, ପ୍ରଥମତଃ ଯିହୂଦା ପକ୍ଷରେ, ଆଉ ମଧ ଗ୍ରୀକ୍

ପକ୍ଷରେ ।'' (ରୋମୀୟ ୧:୧୬)

ଗାଲାତୀୟ ପତ୍ରିକା ଚତୁର୍ଥ ଅଧ୍ୟାୟ ୮ମ ପଦରେ ପାଉଲ କହନ୍ତି, ''ମାତ୍ର ପୂର୍ବରେ ତୁମ୍ଭେମାନେ ଈଶ୍ୱରଙ୍କୁ ଜାଣି, ଯେଉଁମାନେ ପ୍ରକୃତରେ ଈଶ୍ୱର ନୁଅନ୍ତି, ସେମାନଙ୍କର ଦାସ ଥିଲ, କିନ୍ତୁ ଏବେ ଈଶ୍ୱରଙ୍କର ପରିଚୟ ପାଇଅଛ, ବରଞ୍ଚ ଈଶ୍ୱରଙ୍କ ଦ୍ୱାରା ପରିଣତ ହୋଇଅଛ, ତେବେ କିପରି ଆଉ ଥରେ ଦୁର୍ବଳ ଓ ଅକିଞ୍ଚନ ପ୍ରାଥମିକ ବିଷୟଗୁଡ଼ିକ ପ୍ରତି ଫେରିଯାଇ ପୁନର୍ବାର ସେହି ସବୁର ଦାସ ହେବାକୁ ଇଚ୍ଛା କରୁଅଛ ?.......... ତୁମ୍ଭମାନଙ୍କ ନିମନ୍ତେ ମୁଁ ଯେଉଁ ପରିଶ୍ରମ କରିଅଛି, କାଳେ ତାହା ବ୍ୟର୍ଥ ହୁଏ, ତୁମ୍ଭମାନଙ୍କ ସମ୍ବନ୍ଧରେ ମୋହର ଏହି ଭୟ ହେଉଅଛି........ଅତଏବ ମୁଁ ତୁମ୍ଭମାନଙ୍କୁ ସତ୍ୟ କହିବାରୁ କି ତୁମ୍ଭମାନଙ୍କର ଶତ୍ରୁହୋଇଅଛି ?'' (୮,୯,୧୧ ଓ ୧୬ମ ପଦ)

ଯୀଶୁ କହିଲେ,''ତୁମ୍ଭେମାନେ ସତ୍ୟଜ୍ଞାତ ହେବ ଓ ସେହି ସତ୍ୟ ଜ୍ଞାତ ହେବ ଓ ସେହି ସତ୍ୟ ତୁମ୍ଭମାନଙ୍କୁ ମୁକ୍ତ କରିବ ।'' (ଯୋହନ ୮:୩୨) ତେବେ ସତ୍ୟ କଅଣ ? ଯୀଶୁ ଯୋହନ ୧୭:୧୭ ପଦରେ କରିଥିବା ପ୍ରାର୍ଥନାରେ କହନ୍ତି,''ସତ୍ୟ ଦ୍ୱାରା ସେମାନଙ୍କୁ ପବିତ୍ର କର, ତୁମ୍ଭର ବାକ୍ୟ ତ ସତ୍ୟ ।'' ବାଇବଲର ଲିଖିତ ଶିକ୍ଷାର ବିପରୀତ ଅନେକ ବିଷୟ ଧର୍ମଜଗତରେ ପ୍ରଚାରିତ ହେଉଅଛି । ଗାଲାତୀୟ ମଣ୍ଡଳୀକୁ ପାଉଲ ପ୍ରଚାରିତ ସୁସମାଚାର ସିଦ୍ଧ ଓ ସମ୍ପୂର୍ଣ୍ଣ ଥିଲା । କିନ୍ତୁ ମନୁଷ୍ୟମାନେ କ୍ରମେ କ୍ରମେ ତାହା ପରିବର୍ତ୍ତନ କରିବାରେ ଲାଗି ରହିଅଛନ୍ତି । ଈଶ୍ୱରଙ୍କ ଠାରୁ ଆଗତ ସମ୍ପୂର୍ଣ୍ଣ ସୁସମାଚାର କୌଣସିମତେ ପରିବର୍ତ୍ତନ କରିବା, ପରମେଶ୍ୱରଙ୍କ ସହ ବିରୁଦ୍ଧାଚରଣ କରିବା ସମାନ । ''ଖ୍ରୀଷ୍ଟଙ୍କ ଅନୁଗ୍ରହରେ ଯେ ତୁମ୍ଭମାନଙ୍କୁ ଆହ୍ୱାନ କଲେ, ତାହାଙ୍କ ଠାରୁ ତୁମ୍ଭେମାନେ ଯେ ଏଡ଼େ ଶୀଘ୍ର ବିମୁଖ ହୋଇ ଅନ୍ୟ ସୁସମାଚାର ପ୍ରତି ଅନୁରକ୍ତ ହେଉଅଛ, ଏଥିପାଇଁ ମୁଁ ଚମତ୍କୃତ ହେଉଅଛି, ତାହା ଅନ୍ୟ ସୁସମାଚାର ସୁଦ୍ଧା ନୁହେଁ, କେବଳ କେତେକ ତୁମ୍ଭମାନଙ୍କୁ ଅସ୍ଥିର କରିଅଛନ୍ତି ଓ ଖ୍ରୀଷ୍ଟଙ୍କ ସୁସମାଚାରକୁ ବିକୃତ କରିବାକୁ ଇଚ୍ଛା କରୁଅଛନ୍ତି । କିନ୍ତୁ ଯେଉଁ ସୁସମାଚାର ଆମ୍ଭେମାନେ ତୁମ୍ଭମାନଙ୍କ ନିକଟରେ ପ୍ରଚାର କରିଥିଲୁ, ଆମ୍ଭେମାନେ କିମ୍ବା ସ୍ୱର୍ଗଦୂତ ହେଲେ ଯଦି କେହି ତଦ୍‌ଭିନ୍ନ ଅନ୍ୟ ସୁସମାଚାର ପ୍ରଚାର କରେ, ତେବେ ସେ ଶାପଗ୍ରସ୍ତ ହେଉ ।'' (ଗାଲାତୀ ୧:୬-୮)

ଆମ୍ଭମାନଙ୍କୁ ସେହି ସମ୍ପୂର୍ଣ୍ଣ ସୁସମାଚାର ପ୍ରଦତ୍ତ ହୋଇଅଛି ଏବଂ ବିନା ପରିବର୍ତ୍ତନରେ ସେହି ସମ୍ପୂର୍ଣ୍ଣ ସୁସମାଚାର ଆମ୍ଭେମାନେ ପ୍ରଚାର କରୁ । ପରମେଶ୍ୱରଙ୍କ ଦତ୍ତ ସମ୍ପୂର୍ଣ୍ଣ ସୁସମାଚାର ମନୁଷ୍ୟମାନେ ଅଦଳବଦଳ କରି ଖ୍ରୀଷ୍ଟଧର୍ମ ନାମରେ ପ୍ରଚାର କରୁଅଛନ୍ତି । ପ୍ରଚାରିତ ବାକ୍ୟ ଶ୍ରବଣ କରିଥିବା ବାକ୍ୟ ଆଗ ଈଶ୍ୱରଙ୍କ ବାକ୍ୟ ସହିତ

ପରଖି ଦେଖୁ । ପ୍ରେରିତ ଯୋହନ କହନ୍ତି, ''ହେ ପ୍ରିୟମାନେ, ପ୍ରତ୍ୟେକ ଆତ୍ମାଙ୍କୁ ବିଶ୍ୱାସ କରନାହିଁ, ବରଂ ଆତ୍ମାମାନେ ଈଶ୍ୱରଙ୍କ ଠାରୁ ଆଗତ କି ନାହିଁ, ଏହା ସେମାନଙ୍କୁ ପରୀକ୍ଷା କରି ଦେଖ, କାରଣ ଜଗତରେ ଅନେକ ଭଣ୍ଡ ଭାବବାଦୀ ବାହାରିଅଛନ୍ତି ।'' (ଯୋହନ ୪:୧)

ରେଡ଼ିଓ ଓ ବିଭିନ୍ନ ମାଧ୍ୟମରେ ଆମ୍ଭେମାନେ ନୂତନ ନିୟମର ସତ୍ୟ ସୁସମାଚାର ପ୍ରଚାର କରୁଅଛୁ । ଏତଦ୍ୱାରା ଅନେକ ଆମ୍ଭମାନଙ୍କୁ ଶତ୍ରୁ ରୂପେ ପରିଗଣିତ କରନ୍ତି । ଆମ୍ଭେମାନେ ସେମାନଙ୍କ ର ଶତ୍ରୁ ନୋହୁଁ, କିନ୍ତୁ ବାଇବଲର ସତ୍ୟ ସେମାନଙ୍କୁ ବୁଝାଇବାରେ ଚେଷ୍ଟା କରୁଅଛୁ । ଆମ୍ଭମାନଙ୍କ ତ୍ରାଣକର୍ତ୍ତା ଏକମାତ୍ର ମଣ୍ଡଳୀ ସ୍ଥାପନ କରିଅଛନ୍ତି । (ମାଥିଉ ୧୬:୧୮,ପ୍ରେରିତ ୨ୟ ଅଧ୍ୟାୟ) । ଏହା ତାହାଙ୍କ ନାମ ଧାରଣ କରେ । ମନୁଷ୍ୟମାନଙ୍କ ସ୍ଥାପିତ ମଣ୍ଡଳୀ ସେମାନଙ୍କ ନାମ ଧାରଣ କରେ କିଅବା ସେମାନଙ୍କ ସିଦ୍ଧାନ୍ତର ନାମ ଧାରଣ କରେ । ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଏକମାତ୍ର ମଣ୍ଡଳୀ ସ୍ଥାପିତ ହୋଇଅଛି, ଏହି ବିଷୟ ଆପଣମାନଙ୍କୁ ଜଣାଇବାରୁ ଆମ୍ଭେମାନେ କି ଆପଣଙ୍କ ଶତ୍ରୁ ହେଲୁ ?

ପରମେଶ୍ୱରଙ୍କ ଲିଖିତ ପରିତ୍ରାଣ ଯୋଜନା ବିଷୟରେ ଆମ୍ଭେମାନେ ଶିକ୍ଷା ଦେଉ ଓ ପ୍ରଚାର କରୁ । ପରିତ୍ରାଣ ପାଇବା ନିମନ୍ତେ ବିଶ୍ୱାସ । ମନ ପରିବର୍ତ୍ତନ, ସ୍ୱୀକାର ଓ ବାପ୍ତିସ୍ମ ଗ୍ରହଣ କରିବା ଆବଶ୍ୟକ ବୋଲି ପ୍ରଚାର କରୁ । ଆମ୍ଭମାନଙ୍କ ମଧ୍ୟରୁ ଅନେକ 'ବାପ୍ତିସ୍ମ' ପଦ ଶୁଣିବାକୁ ଇଚ୍ଛା କରନ୍ତି ନାହିଁ । ପ୍ରଭୁ ଯୀଶୁ କହନ୍ତି,''ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପାଇବ, କିନ୍ତୁ ଯେ ଅବିଶ୍ୱାସ କରେ, ସେ ଦଣ୍ଡାଜ୍ଞା ପାଇବ'' (ମାର୍କ ୧୬:୬) । ପାଉଲଙ୍କ ଭାଷାରେ,''ସେଥିର ପ୍ରତିରୂପ ବାପ୍ତିସ୍ମ, ଅର୍ଥାତ୍ ଶରୀରର ମଳିନତା ଦୂରୀକରଣ ନୁହେଁ, କିନ୍ତୁ ଈଶ୍ୱରଙ୍କ ନିକଟରେ ଶୁଚି ବିବେକ ପାଇବା ନିମନ୍ତେ ପ୍ରାର୍ଥନା, ଯୀଶୁଖ୍ରୀଷ୍ଟଙ୍କ ପୁନଃରୁତ୍ଥାନ ଦ୍ୱାରା ଏବେ ତୁମ୍ଭମାନଙ୍କୁ ପରିତ୍ରାଣ କରୁଅଛି ।'' (୧ମ ପିତର ୩:୨୧) । ବାପ୍ତିସ୍ମ ବିଷୟକ ସତ୍ୟତା ଆପଣମାନଙ୍କୁ ଶୁଣାଇବାରେ ଆମ୍ଭେମାନେ କି ଆପଣଙ୍କ ଶତ୍ରୁ ହେଲୁ ?

ହୃଦୟ ଓ ମନ ସହିତ ପରମେଶ୍ୱରଙ୍କ ଗୀତ ଗାୟନ କରୁ କିନ୍ତୁ ଯାନ୍ତ୍ରିକ ବାଦ୍ୟ ସଙ୍ଗୀତ ଦ୍ୱାରା ନୁହେଁ ବୋଲି ବାଇବଲ ଆମ୍ଭମାନଙ୍କୁ ଶିକ୍ଷା ଦିଏ ।'' ସ୍ତୋତ୍ର ଓ ଆଧ୍ୟାତ୍ମିକ ସଂକୀର୍ତ୍ତନ ଦ୍ୱାରା ପରସ୍ପରକୁ ଉତ୍ସାହ ଦିଅ, ପୁଣି ତୁମ୍ଭମାନଙ୍କ ହୃଦୟରେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ସଂକୀର୍ତ୍ତନ ଓ ଗୀତ ଗାନ କର ।'' (ଏଫସୀ ୫:୯) । ଏପରି ଆମ୍ଭମାନଙ୍କ ସର୍ବଶକ୍ତିମାନ ପିତାଙ୍କର ଗୁଣ କୀର୍ତ୍ତନ କରୁ । ପୁରାତନ ନିୟମରୁ ଉଦାହରଣ ଦେଇ ଅନେକ ଯାନ୍ତ୍ରିକ ବାଦ୍ୟସଙ୍ଗୀତର ସମର୍ଥ କରିଥାନ୍ତି । କିନ୍ତୁ ଆମ୍ଭେମାନେ ବର୍ତ୍ତମାନ କେଉଁ

ନିୟମାଧିନ ଅଟୁ ତାହା ଜାଣିବା ଅତି ଆବଶ୍ୟକ । ଖ୍ରୀଷ୍ଟ ପୁରାତନ ନିୟମକୁ କ୍ରୁଶରେ ହତ ହୋଇ ସମାପ୍ତ କରିଅଛନ୍ତି । (କଲସୀ ୨ : ୧୪, ଏଫସୀ ୨ : ୧୫) । ବାକ୍ୟାନୁଯାୟୀ ଆମ୍ଭେମାନେ କିପରି ପ୍ରଭୁଙ୍କ ଉଦ୍ଦେଶ୍ୟରେ ଗୀତ ଗାଇବା ଆବଶ୍ୟକ ଆପଣଙ୍କୁ ଜଣାଇ, ଆମ୍ଭେମାନେ କି ଆପଣଙ୍କ ଶତ୍ରୁ ହୋଇ ଅଛୁ ?

ଆଜି ଖ୍ରୀଷ୍ଟିୟ ଜଗତରେ ଖ୍ରୀଷ୍ଟିୟ ନେତାମାନେ, Rev, Right Rev, Most Rev, Father, Padri ପ୍ରଭୃତି ପଦବୀ ଧାରଣ କରନ୍ତି । ବାଇବଲରେ ଏହି ପଦବୀ ବିଷୟରେ ପଢ଼ିନପାରୁ । ଏହି ପଦବୀଗୁଡ଼ିକ, ମନୁଷ୍ୟମାନଙ୍କ ଦ୍ୱାରା ଉଦ୍ଭାବିତ । ପୁରାକାଳରେ ଧାର୍ମିକ ନେତାମାନେ ଆବ୍ବା, ପିତା, ପ୍ରଭୃତି ପଦବୀ ଧାରଣ କରିବା ସଦୃଶ୍ୟ, ବର୍ତ୍ତମାନ କାଳର ନେତାମାନେ ବିଭିନ୍ନ ଧରଣର ପଦବୀ ଧାରଣ କରୁଅଛନ୍ତି । ପାଉଲ କି Rev କିଅବା Right Rev କିଅବା Father ପଦବୀ ଧାରଣ କରିଥିଲେ ? ବରଂ ଖ୍ରୀଷ୍ଟ ଏହିସବୁ ପଦବୀଗୁଡ଼ିକ ଖଣ୍ଡନ କରିଥିଲେ, ଧାର୍ମିକନେତା ମାନଙ୍କ ପଦବୀଗୁଡ଼ିକ ବିଷୟରେ ପ୍ରଭୁ ଯୀଶୁଙ୍କ ବକ୍ତବ୍ୟ ମାଥିଉ ୨୩ ଅଧ୍ୟାୟରେ ଲିଖିତ ହୋଇଅଛି । ଏହି ବିଷୟରେ ସେ ଯୁଗର ଆତ୍ମିକ ନେତା କିଅବା ଆଜିର ଧାର୍ମିକ ନେତାମାନେ ଭୃକ୍ଷେପ କରନ୍ତି ନାହିଁ । "ତାହାଙ୍କ ନାମ ପବିତ୍ର ଓ ଆଦରଣୀୟ ।" (ଗୀତ ୧୧୧ : ୯) ତାହାଙ୍କ ପଦବୀ କି ଆମ୍ଭେ ଧାରଣ କରିପାରୁ ? ଏହି ବିଷୟକ ସତ୍ୟତା ଆମ୍ଭେମାନେ ତୁମ୍ଭମାନଙ୍କୁ ଜଣାଇବାରୁ ଆମ୍ଭେ କି ଆପଣଙ୍କ ଶତ୍ରୁ ହେଲୁ ?

ପ୍ରିୟ ପାଠକ, ଏପରି ବାକ୍ୟାନୁଯାୟୀ ନଥିବା ଅନେକ ବିଷୟ ଧର୍ମନୀତି ରୂପେ ଖ୍ରୀଷ୍ଟଧର୍ମରେ ପ୍ରଚଳିତ ହେଉଅଛି । ସେ ବିଷୟରେ ଅନେକ ଅଜ୍ଞ ଓ ଅନେକ ଆପଣା କଠିନ ହୃଦୟ ଯୋଗୁଁ ପରିବର୍ତ୍ତନ ଇଚ୍ଛା କରନ୍ତି ନାହିଁ । ଆମ୍ଭେମାନେ ଆପଣମାନଙ୍କ ଶତ୍ରୁ ନୋହୁଁ । ଆମ୍ଭମାନଙ୍କ ବନ୍ଧୁମାନଙ୍କ ସହିତ ନିତ୍ୟଜୀବନର ନିତ୍ୟସତ୍ୟ ବାଣ୍ଟିବାରେ ଆମ୍ଭେମାନେ ସଦାଗ୍ରାହୀ ଅଟୁ । ଆପଣ ପ୍ରାର୍ଥନାପୂର୍ବକ ଆପଣା ବାଇବଲ ପଢ଼ି, ସେଥିରେ ପ୍ରକଟିତ ବାକ୍ୟଗୁଡ଼ିକ ସତ୍ ହୃଦୟରେ ଆଜ୍ଞାବହ ହୁଅ । ସଦାପ୍ରଭୁ ତୁମ୍ଭକୁ ଆଶୀର୍ବାଦ କରନ୍ତୁ ।

**- Francis David**

# ଦର୍ପଣ

## (Mirror)

ଦର୍ପଣ, ଜଗତର ସର୍ବୋତ୍କୃଷ୍ଟ ସଚ୍ଚୋଟ ବସ୍ତୁ । ଏହା କେବେ ବି ମିଥ୍ୟା କହିପାରେ ନାହିଁ । ଦର୍ପଣ ସମ୍ମୁଖରେ ଥିବା ବିଷୟର ପ୍ରତିବିମ୍ବ ଦେଖାଇବା ହିଁ ଏହାର ପ୍ରଧାନ କାର୍ଯ୍ୟ । ପ୍ରତିମ୍ବିତ ଛବି ବେଳେ ବେଳେ ଅସୁନ୍ଦର ଦେଖାଯାଏ । ଉଦାହରଣ ସ୍ୱରୂପ :- ସକାଳୁ ଖଟରୁ ଉଠିବା ପରେ ଦର୍ପଣରେ ଆମ୍ଭମାନଙ୍କ ଛବି କଦର୍ଯ୍ୟ ଦେଖାଯାଏ । ସମ୍ମୁଖରେ ଥିବା ବିଷୟର ଅବିକଳ ଛବି ଦର୍ପଣ ଆମ୍ଭମାନଙ୍କୁ ଦେଇଥାଏ । ''କାରଣ ଯଦି କେହି ବାକ୍ୟର କର୍ମକାରୀ ନ ହୋଇ ଶ୍ରୋତା ମାତ୍ର ହୁଏ, ତେବେ ସେ ଦର୍ପଣରେ ଆପଣା ସ୍ୱାଭାବିକ ମୁଖ ଦର୍ଶନ କରୁଥିବା ମନୁଷ୍ୟର ତୁଲ୍ୟ । ଯେଣୁ ସେ ଆପଣାକୁ ଦେଖିଲା ଉତ୍ତାରେ ଚାଲିଯାଇ ସେ କି ପ୍ରକାର ଲୋକ, ତାହା ସେହିକ୍ଷଣି ଭୁଲିଯାଏ । କିନ୍ତୁ ଯେ ସିଦ୍ଧ, ସ୍ୱାଧୀନତାର ବ୍ୟବସ୍ଥା ପ୍ରତି ନୀରିକ୍ଷଣ କରି ସେଥିରେ ନିବିଷ୍ଟ ଥାଏ, ପୁଣି ବିସ୍ମରଣକାରୀ ଶ୍ରୋତା ମାତ୍ର ନ ହୋଇ ବରଂ କାର୍ଯ୍ୟକାରୀ ହୁଏ ସେ ଆପଣା କାର୍ଯ୍ୟରେ ଧନ୍ୟ ।'' (ଯାକୁବ ୧:୨୩-୨୫)

ଈଶ୍ୱରଙ୍କ ବାକ୍ୟ ଦର୍ପଣ ସଦୃଶ୍ୟ । ଈଶ୍ୱରଙ୍କ ବାକ୍ୟ ପଠନ ଦ୍ୱାରା ମନୁଷ୍ୟ ଆପଣା ପ୍ରତିବିମ୍ବ ଦେଖିପାରେ । ବାକ୍ୟରେ ଲିଖିତ ବିଷୟ ଓ ଆପଣା କାର୍ଯ୍ୟକଳାପ ତୁଳନା କଲେ ଆମ୍ଭମାନଙ୍କ ଆନ୍ତରିକ ପୁରୁଷର ପ୍ରତିବିମ୍ବ ଦେଖିପାରିବା । ଯଦି ଆପଣଙ୍କ ପ୍ରତିବିମ୍ବ ଏକ ଉତ୍ତମ ଖ୍ରୀଷ୍ଟିୟାନରୂପେ ଥାଏ, ତେବେ ଆପଣ ବିଶ୍ୱସ୍ତ ଖ୍ରୀଷ୍ଟିୟାନ ଜୀବନଯାପନ କରିବା ଆବଶ୍ୟକ । ଯଦି ଆପଣଙ୍କ ପ୍ରତିବିମ୍ବ ଆପଣଙ୍କୁ ଏକ ପାପୀ ରୂପେ ସାବ୍ୟସ୍ତ କରେ, ଆପଣଙ୍କ ଜୀବନ ପରିବର୍ତ୍ତିତ ହେବା ଆବଶ୍ୟକ । ଈଶ୍ୱରଙ୍କ ବାକ୍ୟରୂପ ଦର୍ପଣ ଯଦି ଆପଣଙ୍କ ଜୀବନ ପରିବର୍ତ୍ତନ କରିବା ଆବଶ୍ୟକ ବୋଲି କହେ :-

- ଆପଣ ଉପେକ୍ଷା କରି ପାରନ୍ତି । କିନ୍ତୁ ଉପେକ୍ଷା କରିବା ଦ୍ୱାରା ଆପଣ ଆପଣଙ୍କ ସମସ୍ୟା ଦୂର ହେବ ନାହିଁ । ଆପଣଙ୍କ ପରିତ୍ରାଣ ଆପଣ ଉପେକ୍ଷା କଲେ ନିତ୍ୟ ଅଗ୍ନିକୁଣ୍ଡରେ ନିକ୍ଷିପ୍ତ ହେବେ ।
- ସ୍ୱଳ୍ପ ପରିବର୍ତ୍ତନ କରିପାରନ୍ତି । ଆପଣା ମନକୁ ଭୁଲାଇବା ନିମନ୍ତେ ସ୍ୱଳ୍ପ ପରିବର୍ତ୍ତନ ଆଣିବାରେ କିଛି ପ୍ରୟୋଜନ ନାହିଁ ।
- ମନ ପରିବର୍ତ୍ତନ କରନ୍ତୁ । ସ୍ୱାଧୀନତା ବ୍ୟବସ୍ଥାର ଦର୍ପଣ ଯଦି ଆପଣଙ୍କୁ ମନ ପରିବର୍ତ୍ତନ କରିବାକୁ କହୁଅଛି । ମନ ପରିବର୍ତ୍ତନ ନ କଲେ ପରିତ୍ରାଣ ପ୍ରାପ୍ତ ହେବା ଅସମ୍ଭବ ।

ଆପଣଙ୍କ ପ୍ରତିବିମ୍ବ ଆପଣଙ୍କୁ କ'ଣ କହେ ?

**- John Webster**

❋❋❋

**Edited & Published by : Kabita & Joshua Gootam**

# THE GOOD SHEPHERD

**John 10 : 1-18**

*INTRODUCTION :*

1. Jesus often spoke in parables or stories that illustrated truth.
2. Here we have him presenting two parables.
3. We may see Jesus, relationship to the church and then the elders and their work with the church

DISCUSSION :

## I. The Good Shepherd.

1. He leads the flock.
2. He knows his sheep by name
3. The sheep belong to him
4. The flock knows his voice.
5. He feeds the sheep.
6. He sees after their welfare
7. He is willing to lay down his life for the sheep
8. Jesus is the good shepherd

## II. The Sheep

1. They will hear the voice of the shepherd.
2. They will follow him
3. They will not follow a stranger but will flee him.
4. They are Christians.

## III. The Sheepfold

1. The place of safety.
2. Has but one door
3. Only thieves and robbers would try to enter another way.
4. The sheepfold is the church

## IV. The Door.

1. The door of the sheepfold
2. Suggests entrance. There is one door
3. Christ is the way.

## V. Thieves and Robbers.

1. They try to enter the sheepfold another way.
2. They come but to steal, kill, and to destroy
3. They represent false teachers.

## VI. The Hireling.

1. He is not the good shepherd.
2. The sheep are not his.
3. When the wolf comes, he leaves the sheep and flees.
   a. The wolf then catches them
   b. and scatters the sheep
4. He is but a hireling and he has no love for the sheep.
5. The hireling represents hypocrite, one who works only for money.

CONCLUSION :

1. As you can see there are many spirtitual lessons to be drawn from these parables.
2. Let us evaluate our lives and see where we are in the story.

- J.C. Choate

From:
SATYA VANI
P.O. BOX 80,
KAKINADA - 533 001

Printed Book Only

To

(For Private Circulation Only)